# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୬୧** **ମଙ୍ଗଳବାର/ତା.୩୧.୦୭.୨୦୧୮**

**ପାଣିପାଗ ପୂର୍ବାନୁମାନ (ତା.୦୪.୦୮.୨୦୧୭ ପର୍ଯ୍ୟନ୍ତ):** ଭାରତୀୟ ମୌସୁମ ବିଜ୍ଞାନ ବିଭାଗ, ଭୁବନେଶ୍ୱର ଅନୁଯାୟୀ ଓଡିଶାର ଉତ୍ତରପୂର୍ବ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ଯଥା ଭଦ୍ରକ, ବାଲେଶ୍ୱର ଓ ଯାଜପୁର ସଂଲଗ୍ନ ଆଦି ଅଞ୍ଚଳରେ ଆକାଶ ରବିବାର ପର୍ଯ୍ୟନ୍ତ ମୁଖ୍ୟତଃ ମେଘାଛର୍ନ ରହିବାବେଳେ ବାଲେଶ୍ୱର ଓ  ଭଦ୍ରକ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ତଥା ଯାଜପୁର ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତର ସମ୍ଭାବନା ଅଛି । ଶୁକ୍ରବାର ପରେ ବାଲେଶ୍ୱର ଜିଲ୍ଲାରେ ବର୍ଷାର ପରିମାଣ ବୃଦ୍ଧି ପାଇବାର ପୂର୍ବନୁମାନ ରହିଛି । ଦିନର ସର୍ବୋଚ୍ଚ ତାପମାତ୍ରା ବୃଦ୍ଧିପାଇ ୩୨ ଡିଗ୍ରୀ ରହିବାବେଳେ ସର୍ବନିମ୍ନ ତାପମାତ୍ରା ୨୫ ରୁ ୨୬ ଡିଗ୍ରୀ ମଧ୍ୟରେ ରହିବ। ପବନ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ମୁଖ୍ୟତଃ ପଶ୍ଚିମ ଦିଗରୁ ଓ ବାଲେଶ୍ୱର ଜିଲ୍ଲାରେ ଉତ୍ତରପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୬ରୁ ୧୫ କି.ମି. ବେଗରେ  ପ୍ରବାହିତ ହେବାର ସୂଚନା ମିଳୁଛି ।

## ପାଣିପାଗଭିତ୍ତିକ କୃଷି ଉପଦେଶ

### ଖରିଫ ଧାନ

- ଆସନ୍ତା ରବିବାର ପର୍ଯ୍ୟନ୍ତ ଯାଜପୁର ଜିଲ୍ଲାରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ଜମିରେ ପାଣି ବାନ୍ଧି ମଧ୍ୟମ ଓ ଖାଲୁଆ ଜମିରେ ଧାନ ରୁଆ କାମ ଜାରି ରଖନ୍ତୁ ।
- ତଳି ଉପାଡିବାର ସାତ ଦିନ ପୂର୍ବରୁ ୧୦ ଡ଼େସିମିଲ ତଳିଘେରା ପ୍ରତି ୧୦୦୦ ଗ୍ରାମ କାରଟାପ ହାଇଡ୍ରୋକ୍ଲୋରାଇଡ଼ କିମ୍ବା ୧୨୦୦ ଗ୍ରାମ କାର୍ବୋଫୁରାନ କିମ୍ବା ୮୦୦ ଗ୍ରାମ ଫିପ୍ରୋନୀଲ ବିଷ ପ୍ରୟୋଗ କରନ୍ତୁ ।
- ତଳି ତିନି ସପ୍ତାହର ହୋଇଗଲେ ମୁଖ୍ୟ କିଆରି ପ୍ରସ୍ତୁତ କରନ୍ତୁ । ଜମିକୁ ଭଲ ଭାବେ କାଦୁଅ କରି ମୂଳସାର (ସବୁତକ ଫସଫରସ ଓ ପଟାସ ସାର ଏବଂ ଏକ ଚତୁର୍ଥାଂଶ ଯବକ୍ଷାରଜାନ ସାର) ପ୍ରୟୋଗ କରନ୍ତୁ । ଯଦି ମୃତ୍ତିକା ପରୀକ୍ଷା କରିନଥାନ୍ତି ତେବେ ୧୨୦ ଦିନ ମଧ୍ୟରେ ଅମଳ ହେଉଥିବା କିସମ ପାଇଁ ଏକର ପ୍ରତି ୨୪ -୧୨ -୧୨ କି.ଗ୍ରା. ଏନ .ପି .କେ . ସାର ଓ ୧୨୦ ରୁ ୧୫୦ ଦିନ ମଧ୍ୟରେ ଅମଳ ହେଉଥିବା କିସମ ପାଇଁ ଏକର ପିଛା ୩୨-୧୬-୧୬ କି.ଗ୍ରା. ଏନ.ପି.କେ. ସାରା ଆବଶ୍ୟକ ।
- ମାଟିରେ ଦସ୍ତାର ଅଭାବ ଥିଲେ ହେକ୍ଟର ପ୍ରତି ୨୫ କି.ଗ୍ରା. ଜିଙ୍କ ସଲଫେଟ ସାର ପ୍ରୟୋଗ କରନ୍ତୁ ।
- ବୁଦା ପ୍ରତି  ୨-୩ ଟି ତଳି ସିଧା ଓ ହାଲକା ଭାବେ ପୋତିଲେ ଗଛ ଶିଘ୍ର ଚେର ଧରେ ଏବଂ ଭଲ ଫଳ ଆସେ ।

- ସହଳ କିସମ ପାଇଁ ଧାଡିକୁ ଧାଡି ମଧ୍ୟରେ ବ୍ୟବଧାନ ୧୫ ସେମି ଓ ମଧ୍ୟମ/ବିଳମ୍ବ କିସମ ପାଇଁ ୨୦ ସେମି ବ୍ୟବଧାନ ରଖିବା ଦରକାର ।
- ସହଳ କିସମ ପାଇଁ ବର୍ଗ ମିଟର ପ୍ରତି ୭୦ ବୁଦା,ମଧ୍ୟମ କିସମ ପାଇଁ ୫୦ ଟି ବୁଦା ଓ ବିଳମ୍ବ କିସମରେ ୩୫ ବୁଦା ରଖିବା ଆବଶ୍ୟକ ।
- ଧାନ ରୋଇବାର ୪ ଦିନ ଭିତରେ ହେକ୍ଟରେ ପ୍ରତି ୧୦ କି.ଗ୍ରା. ବେନସଲଫୁରନ+ ପ୍ରେଟିଲାକ୍ଲୋର (ଇରେଜ ଷ୍ଟ୍ରଙ୍ଗ କିମ୍ବା ଲୋଣ୍ଡାକ୍ସ ପାୱାର) କିମ୍ବା ୮୦ ଗ୍ରାମ ପାଇରାଜୋସଲ୍ଫୁୟୁରନ ଇଥାଇଲ ଘାସମରା ବିଷ ବାଲିରେ ଗୋଳାଇ ପାଣିକାଟି ପ୍ରୟୋଗ କରନ୍ତୁ ।
- ସହଳ ରୁଆ ଧାନରେ ଏକର ପ୍ରତି ୮୦ ମି.ଲି. ବିସପାଇରିବାକ ସୋଡିୟମ କିମ୍ବା ୩୭ ମି.ଲି. ପେନକ୍ସୁଲାମ ଘାସମରା ବିଷକୁ ୩୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ନଳିତା**

- କିଆରୀରେ ଅଧିକ ପାଣି ଜମି ରହିଲେ ଝୋଟର ମାନ ହ୍ରାସ ପାଏ । ତେଣୁ ଆବଶ୍ୟକ ମୁତାବକ ପାଣି ରଖି ବଳକା ପାଣି କାଟି ଦିଅନ୍ତୁ ।
- ଘୋଡା ପୋକର ପ୍ରାଦୁର୍ଭାବ ଦେଖାଯାଉ ଥିବାରୁ ଏହାକୁ ଦମନ କରିବା ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ+ସାଇପରମେଥ୍ରୀନ କିମ୍ବା କୁଇନାଲଫସ ତରଳ ବିଷକୁ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।
- ନଳିତା ଗଛ ଅଧିକ ଲମ୍ବା ହେବା ପାଇଁ ଅନ୍ତଃଚାଷ ସମୟରେ ଶାଖା ପ୍ରଶାଖା ଗୁଡିକୁ ଭଲ ଭାବେ ଛିଣ୍ଡାଇ ଦିଅନ୍ତୁ।

## ପନିପରିବା

- ବର୍ତମାନ ପାଣିପାଗରେ ଭେଣ୍ଡି ଫସଲରେ ଫଳବିନ୍ଧା ପୋକ ଓ ବାଇଗଣ ଫସଲରେ ଫଳ ଓ କାଣ୍ଡବିନ୍ଧା ପୋକ ଅଧିକ ଲାଗିବାର ସମ୍ଭାବନା ଅଛି । ଏହାକୁ ନିୟନ୍ତ୍ରଣ କରିବାପାଇଁ ହେକ୍ଟର ପ୍ରତି ୨.୫ ଲିଟର ୩୦୦ ପିପିଏମ ନିମ୍ବ ତେଲ ଓ ୧୫୦ ମି.ଲି. ସ୍ପିନୋସାଡ ଔଷଧକୁ ଅଦଳବଦଳ କରି ୫୦୦ ଲିଟର ଜଳରେ ମିଶାଇ ସିଂଚନ କରନ୍ତୁ।
- ପନିପରିବା ତଳି ପକାଇବା ପାଇଁ ଉଚ୍ଚ ତଳି ପଟାଳି ପ୍ରସ୍ତୁତ କରନ୍ତୁ।
- ଭେଣ୍ଡି ଗଛର ସାହେବି ରୋଗ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୮୦ଗ୍ରାମ ଥିୟୋମେଥୋକ୍ସାମ ୨୦୦ଲିଟର ଜଳରେ ଗୋଳାଇ ସିଂଚନ କରନ୍ତୁ ।

## ମାଛ ଚାଷ

- ମାଛ ଯାଆଁଳ ଉତ୍ପାଦନ କରୁଥିବା ନିର୍ଭରଯୋଗ୍ୟ ପ୍ରତିଷ୍ଠାନରୁ ଏକର ପରିମିତ ଜଳାଶୟ ପାଇଁ ୩୦୦୦ ମୁଣ୍ଡା ଯାଆଁଳ ସଂଗ୍ରହ କରନ୍ତୁ ।
- ତିନି ପ୍ରକାରର ମାଛ ଉତ୍ପାଦନ କରିବାକୁ ଚାହୁଁଥିଲେ ୯୦୦ଗୋଟି ଭାକୁର, ୧୨୦୦ଗୋଟି ରୋହି ଓ ୯୦୦ଗୋଟି ମିରିକାଳି ଯାଆଁଳ ଛାଡନ୍ତୁ ।

- ଛଅ ପ୍ରକାରର ମିଶ୍ରିତ ମାଛ ଉତ୍ପାଦନ କରିବାକୁ ଚାହୁଁଥିଲେ ୮୦୦ଗୋଟି ଭାକୁର, ୧୨୦୦ଗୋଟି ରୋହି, ୫୦୦ଗୋଟି ମିରିକାଳି, ୩୦୦ଗୋଟି ବିଲାତିରୋହି, ୧୦୦ଗୋଟି ଗ୍ରାସକାର୍ପ ଓ ୧୦୦ଗୋଟି ସିଲଭର କାର୍ପ ଯାଆଁଳ ଛାଡନ୍ତୁ ।
- ଯେ କୌଣସି ପରିସ୍ଥିତିରେ ଜଳର ଗଭୀରତା ୫ ଫୁଟରୁ କମ ନ ରହିବା ଆବଶ୍ୟକ।

**ଅଧିକ ସୂଚନାପାଇଁ ଗ୍ରାମୀଣ କୃଷି ମୌସମ ସେବା (ଓୟୁଏଟି), ରାଣୀତାଲ ସହିତ ଯୋଗାଯୋଗ କରନ୍ତୁ।**

**ଇ ମେଲ- aas_ranital@yahoo.com ମୋବାଇଲ-୯୪୩୭୯୨୬୮୯୦**